# ଯୁବ ଦିବସର ଆହ୍ୱାନ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଆଜି ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟ ଜନ୍ମତିଥି । ସ୍ୱାମୀ ବିବେକାନନ୍ଦଙ୍କୁ ଯୁବ ମାନସର ପ୍ରତୀକ ଭାବରେ ଗ୍ରହଣ କରି ଏହି ଦିନଟିକୁ ସାରା ଭାରତରେ ଯୁବ ଦିବସ ହିସାବରେ ପାଳନ କରାଯାଉଛି । ମାତ୍ର ୩୯ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ ମଧ୍ୟ ସ୍ୱାମୀ ବିବେକାନନ୍ଦ କେବଳ ଭାରତ କାହିଁକି, ସାରା ବିଶ୍ୱବାସୀଙ୍କୁ ଯେଭଳି ଉଦ୍‌ବୁଦ୍ଧ କରିଥିଲେ ତାହାର ପଟାନ୍ତର ନାହିଁ । ଏହି ଅବସରରେ ଆଉ ଜଣେ ଯୁବ ପ୍ରତିଭା ମଧ୍ୟ ମନକୁ ଆସନ୍ତି । ସେ ହେଲେ ଡକ୍ଟର କୋଟ୍‌ନିସ୍ । ମାତ୍ର ୨୮ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । କିନ୍ତୁ ଏହି ୨୮ ବର୍ଷ ଭିତରେ ଡାକ୍ତରୀ ବିଦ୍ୟାକୁ କରାୟତ୍ତ କରି, ଖାଲି ପାଦରେ ଚାଲିଚାଲି, ଚୀନ୍‌ରେ ସେ ଯେଉଁ ମାନବ ସେବାର ପରିଚୟ ଦେଇଥିଲେ ତାହାର ମଧ୍ୟ ତୁଳନା ନାହିଁ । ଆଜି ଏକଥା ଉଲ୍ଲେଖ କରିବାର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଯୁବକର ପ୍ରକୃତ ପରିଭାଷା ବୟସର ମାପକାଠିରେ ନାହିଁ । ପ୍ରବଳ ଇଚ୍ଛାଶକ୍ତି ହିଁ ଯୁବକର ଏକମାତ୍ର ମାପକାଠି । ଆଜି ୨୮ ବର୍ଷ ହୋଇଗଲେ ଯୁବକ ବ୍ୟସ୍ତ ବିବ୍ରତ ହୋଇପଡୁଛି - ଏ ପର୍ଯ୍ୟନ୍ତ ତାର କିଛି ହେଲା ନାହିଁ । ଏଣେ ବୟସ ଗଡ଼ିଗଲାଣି । ପ୍ରବଳ ଇଚ୍ଛାଶକ୍ତିର ଅଭାବ ହିଁ ଆମର ଯୁବମାନସକୁ ଆଜି ଅତିମାତ୍ରାରେ ଦୁର୍ବଳ କରି ପକାଇଛି । ସେମାନେ କେଜାଣି କାହିଁକି ଆଶୀର୍ବାଦ-କାଙ୍ଗାଳ ହୋଇପଡ଼ିଛନ୍ତି । ସତେ ଯେପରି ସେମାନେ ଭାବୁଛନ୍ତି ଅନ୍ୟର ଅହେତୁକ ସମର୍ଥନ ବିନା ତାଙ୍କ ଜୀବନରେ କୌଣସି ଉନ୍ନତି ସମ୍ଭବ ନୁହେଁ । ଆଜିର ଯୁବ ଦିବସରେ ପ୍ରବଳ ଇଚ୍ଛାଶକ୍ତିର ଅଧିକାରୀ ହେବାପାଇଁ ଏବଂ ନିଜର ପ୍ରତିଟି ଆଚରଣରେ ଏହାର ପ୍ରମାଣ ଦେବା ପାଇଁ ମୁଁ ଯୁବକମାନଙ୍କୁ ଆହ୍ୱାନ କରୁଛି ।

ଓଡ଼ିଶା ଏକ ଅଭାଗା ରାଜ୍ୟ । ଏହାର ସବୁକିଛି ଥାଇ ମଧ୍ୟ କିଛି ନାହିଁ । ଓଡ଼ିଶା ଧନୀ କିନ୍ତୁ ଓଡ଼ିଆଏ ଗରିବ । ଓଡ଼ିଶାର ଏ ଭାଗ୍ୟ କ'ଣ ପରିବର୍ତ୍ତନ ହେବ ନାହିଁ? ଏ ପରିବର୍ତ୍ତନର ସୂତ୍ରଧର କିଏ ହେବ ? ଭାଗ୍ୟ ସମ୍ପର୍କରେ ମୋର ଇଂରାଜି ଶିକ୍ଷକ ବୁଝାଇଥିବା ପରିଭାଷା ମୋର ଏବେ ବି ମନେଅଛି । ଭାଗ୍ୟର ଅନ୍ୟ ଅଧିକ ପ୍ରାସଙ୍ଗିକ ଓ ଯଥାର୍ଥ ପରିଭାଷା ମୁଁ ଏପର୍ଯ୍ୟନ୍ତ ଖୋଜି ପାଇନାହିଁ । ଗରିବ ଓଡ଼ିଶାରେ ମୋ ଭଳି ଜଣେ ଓଡ଼ିଆ ଛାତ୍ରକୁ ହୁଏତ ଉତ୍ସାହିତ କରିବା ପାଇଁ ସେ ଏଭଳି କହିଥାଇ ପାରନ୍ତି । ସେ କହିଥିଲେ, "ଭାଗ୍ୟ ବୋଲି କିଛି ନାହିଁ । 'ସୁଯୋଗ' ସହିତ 'ପ୍ରସ୍ତୁତି'ର ଯେଉଁଠି ଭେଟ ହୁଏ, ସେହିଠାରୁ ହିଁ ଭାଗ୍ୟର ଉଦୟ-।" (Luck comes when opportunity meets preparedness) । ଆଜି ଓଡ଼ିଶା ଏଭଳି ଏକ ପ୍ରସ୍ତୁତିର ଅପେକ୍ଷା ରଖୁଛି । ସୁଯୋଗ ଆମ ହାତ ପାଆନ୍ତାରେ । ଏହାକୁ ହାତଛଡ଼ା କଲେ ଆମର ଭାଗ୍ୟ ପରିବର୍ତ୍ତନ ହେବନାହିଁ ।

ଆସନ୍ତା ଜାନୁଆରି ୨୩ ତାରିଖରେ ସାରା ଓଡ଼ିଶାରେ 'ଆମ ଓଡ଼ିଶା' ତରଫରୁ ଏକ ପ୍ରତୀକଧର୍ମୀ ଗଣଦୌଡ଼ର ଆୟୋଜନ କରାଯାଇଛି । ଜାନୁଆରି ୨୩ ତାରିଖ ଆମ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରେ । ଏହିଦିନ ସଂଯୋଗବଶତଃ ଓଡ଼ିଶା ମାଟିରେ ଦୁଇଜଣ ବରପୁତ୍ରଙ୍କର ଆବିର୍ଭାବ ଘଟିଥିଲା- ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଥିଲା ବ୍ରିଟିସ ସାମ୍ରାଜ୍ୟବାଦ ବିରୋଧରେ ପ୍ରଥମ ବିଦ୍ରୋହ । ସେହିପରି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଆହ୍ୱାନ 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'- ଅପୂର୍ବ ସାହସିକତାର ଦୃଷ୍ଟାନ୍ତ ଥିଲା । ଆଜି ଯେତେବେଳେ ପ୍ରବଳ ଇଚ୍ଛାଶକ୍ତି ଓ ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କଥା କୁହାଯାଉଛି, ଏହି ଦୁଇଜଣଙ୍କଠାରୁ ଆମର ଅଧିକ ଆଦର୍ଶ ଆଉ କିଏ ହୋଇପାରେ? ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ଅପୂର୍ବ ସାହସ ଓ ତ୍ୟାଗର ଜୀବନ ଥିଲା । ଆସନ୍ତୁ, ତାଙ୍କର ପୁଣ୍ୟ ଜନ୍ମତିଥିରେ ତାଙ୍କୁ ସ୍ମରଣ କରି ଆମେ ସମସ୍ତେ ତାଙ୍କ ସାହସ ଓ ତ୍ୟାଗରୁ କିଂଚିତ୍ ଆମ ଜୀବନରେ ପ୍ରତିଫଳିତ କରିବା । ସେଥିପାଇଁ ରକ୍ତଦାନର ସଂକଳ୍ପ ନେବାକୁ ଗୋଟିଏ ଯୋଜନା କରାଯାଇଛି । 'ରକ୍ତଦାନ ମହତ୍ ଦାନ' ବୋଲି ସମସ୍ତେ କହିଥାଆନ୍ତି । କିନ୍ତୁ ଆମେ ରକ୍ତଦାନ କାହିଁକି କରିବା ସେ ସମ୍ପର୍କରେ ଅନେକେ ଠିକ୍ ଭାବରେ ସଚେତନ ନ ଥାନ୍ତି । ଆମେ କାହିଁକି ରକ୍ତଦାନ କରିବା ? ଏ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ସରଳ । ଆମେ ସମସ୍ତେ ଈଶ୍ୱରଙ୍କର ସନ୍ତାନ । ଆମ ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି । କିନ୍ତୁ ଯଦି ଜଣକର ରକ୍ତର ଆବଶ୍ୟକତା ବେଳେ ଅନ୍ୟ ଜଣେ ରକ୍ତ ନ ଦିଅନ୍ତି ସେ ବଞ୍ଚିପାରିବ ନାହିଁ । କାରଣ, ମଣିଷର ସବୁ ସଫଳତା ସତ୍ତ୍ୱେ ରକ୍ତର ବିକଳ୍ପ ଏପର୍ଯ୍ୟନ୍ତ ତିଆରି କରା ହୋଇପାରି ନାହିଁ । ମଣିଷ ଶରୀର ହେଉଛି ଏକମାତ୍ର ରକ୍ତ ତିଆରି କାରଖାନା । ଈଶ୍ୱର ବୋଧହୁଏ ମଣିଷର ଅହଂକାରରେ ଅଙ୍କୁଶ ଆଣିବା ପାଇଁ ତାକୁ ଏପରି କରି ଗଢ଼ିଛନ୍ତି । ଫଳରେ ନିଜ ପାଇଁ ରକ୍ତର ଆବଶ୍ୟକତା ପଡ଼ିଲେ ଅନ୍ୟଜଣେ ମଣିଷ ପାଖରେ ସେ ମଥାନତ କରିବା ପାଇଁ ବାଧ୍ୟ ହେବ । ଅନ୍ୟ ଦୃଷ୍ଟିରୁ ମଣିଷ ଯେତେ ଶକ୍ତିଶାଳୀ ଓ ବିତ୍ତବାନ୍ ହେଲେ ମଧ୍ୟ ରକ୍ତ ପାଇଁ ଅନ୍ୟ ଉପରେ ସେ ନିର୍ଭର କରିବାକୁ ବାଧ୍ୟ । ତେଣୁ ଅନ୍ୟର ଆବଶ୍ୟକତା ବେଳେ ରକ୍ତଦାନ କରିବା ଈଶ୍ୱରଙ୍କ ସନ୍ତାନମାନଙ୍କର ପରମ କର୍ତ୍ତବ୍ୟ । ରକ୍ତଦାନ କଲେ ରକ୍ତଦାତାର କିଛି କ୍ଷତି ହୁଏନାହିଁ । ଦିନ କେଇଟାରେ ତାର ଶରୀରରେ ଥିବା ରକ୍ତ ତିଆରି କାରଖାନା ରକ୍ତର ଭରଣା କରିଦିଏ । ବରଂ ମଝିରେ ମଝିରେ ଏଭଳି ରକ୍ତଦାନ କଲେ ସେ ଅଧିକ ସୁସ୍ଥ ସବଳ ହୁଏ । ରକ୍ତଦାନ ସବୁ ଦାନଠାରୁ ଏଇଥିପାଇଁ ଅଧିକ ମହତ୍ । ଅନ୍ୟ ଦାନମାନଙ୍କରେ କିଛି ହରାଇବାକୁ ପଡ଼େ, କିନ୍ତୁ ରକ୍ତଦାନରେ ଦାତା କିଛି ହରାଏ ନାହିଁ । ରକ୍ତଦାନ ଆଉ ଏକ ବାର୍ତ୍ତା ମଧ୍ୟ ଦେଉଛି । ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତେ ସମାନ । ସବୁ ମଣିଷଙ୍କର ରକ୍ତର ରଙ୍ଗ ମଧ୍ୟ ସମାନ- ଲାଲ୍ । କିନ୍ତୁ ମଣିଷ ଜାତି, ଧର୍ମ, ବର୍ଣ୍ଣ ଆଦି ବିଭିନ୍ନ ରଙ୍ଗରେ ନିଜକୁ ରଙ୍ଗାଇ ଓ ବିଭିନ୍ନ ରଙ୍ଗର ପତାକା ଧରି ନିଜକୁ ଅନ୍ୟଠାରୁ ଭିନ୍ନ ବୋଲି ପ୍ରତିପାଦିତ କରିବାରେ ବ୍ୟସ୍ତ । ସେଇଦିନ ମଣିଷର ଏ ଅହଂକାର ଉପରେ ଅଙ୍କୁଶ ଆସିବ, ଯେଉଁଦିନ ଫୁଲବାଣୀର ଜଣେ ଆଦିବାସୀ ଖ୍ରୀଷ୍ଟିଆନ୍‌ର ରକ୍ତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ କର୍ମୀର ଜୀବନ ବଞ୍ଚିବ । ଆମେ ସେଇଦିନକୁ ଅପେକ୍ଷା କରିଛୁ, ଯେଉଁଦିନ କଟକର ଜଣେ ମୁସଲମାନ ଭାଇର ରକ୍ତଦାନ ପୁରୀ ମୁକ୍ତିମଣ୍ଡପର ଜଣେ ପଣ୍ଡିତଙ୍କ ଜୀବନ ରକ୍ଷା କରିବ ।

ରକ୍ତଦାନ କାର୍ଯ୍ୟକ୍ରମକୁ ସାହସ, ତ୍ୟାଗ ଓ ପ୍ରବଳ ଇଚ୍ଛାଶକ୍ତିର ପ୍ରତୀକ ଭାବେ ଗ୍ରହଣ କରି ଆଗାମୀ ୨୩ ତାରିଖରେ ଏହି ଗଣଦୌଡ଼ କାର୍ଯ୍ୟକ୍ରମ ରଖାଯାଇଛି । ଏଥିରେ ବହୁ ସଂଖ୍ୟାରେ ଯୁବ ବନ୍ଧୁମାନେ ଭାଗ ନେଇ ସଂକଳ୍ପ ନେବେ ଏବଂ ସୁଭାଷ ବୋଷଙ୍କ ପରି-ଭିନ୍ନ ଏକ ଆହ୍ୱାନ ଦେବେ- 'ଆମେ ରକ୍ତ ଦେଉଛୁ, ଆମକୁ ନୂଆକରି ଆମ ଓଡ଼ିଶା ଗଢ଼ିବାକୁ ସୁଯୋଗ ଦିଅ ।'